## ସଂକ୍ଷେପରେ

### କୁସ୍ତିଯୋଦ୍ଧାଙ୍କ ଉପରେ ଆକ୍ରମଣକୁ ନିନ୍ଦା

ଅନୁଗୋଳ ଅଫିସ, ୪।୫: କୁସ୍ତି ଫେଡେରେଶନ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜ ଭୂଷଣ ସରଣସିଂଙ୍କୁ କଠୋର ଦଣ୍ଡ ବିଧାନ ପାଇଁ ଗତ ଏପ୍ରିଲ ୨୧ ତାରିଖ ଠାରୁ ଦିଲ୍ଲୀର ଯନ୍ତରମନ୍ତର ଠାରେ ଧାରଣା ଦେଇଥିବା ମହିଳା କୁସ୍ତିଯୋଦ୍ଧାମାନଙ୍କୁ ମେ ୩ ତାରିଖ ରାତିରେ ଦିଲ୍ଲୀ ପୋଲିସ ଓ ପ୍ରଶାସନ ପକ୍ଷରୁ କରାଯାଇଥିବା ଆକ୍ରମଣକୁ ଦୃଢ଼ ନିନ୍ଦା କରିଛି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ। ସଙ୍ଗଠନର ସର୍ବଭାରତୀୟ ସଭାନେତ୍ରୀ କେୟା ଦେ, ସାଧାରଣ ସମ୍ପାଦିକା ଛବି ମହାନ୍ତି, ଓଡ଼ିଶା ରାଜ୍ୟ ସଭାନେତ୍ରୀ ବୀଣାପାଣି ଦାସ ଓ ସମ୍ପାଦିକା ସ୍ୱୟଂପ୍ରଭା ନାୟକ, ଅନୁଗୋଳ ଜିଲା ସଭାନେତ୍ରୀ ମନ୍ଦୋଦରି ରାଉଳ, ସମ୍ପାଦିକା ମାନସୀ ସ୍ୱାଇଁ, ଉପସଭାନେତ୍ରୀ ସରୋଜିନୀ ନାୟକ, ପ୍ରମିଳା ପଣ୍ଡା ପ୍ରମୁଖ କହିଛନ୍ତି, ବୁଧବାର ରାତିରେ ବର୍ଷା ବେଳେ କୁସ୍ତିଯୋଦ୍ଧାମାନଙ୍କୁ ପୋଲିସ ମାଡ଼ ମାରିଥିଲା। ଏହି ଲାଠି ମାଡ଼ରେ କେତେଜଣ ଆନ୍ଦୋଳନକାରୀ କ୍ଷତ ବିକ୍ଷତ ହୋଇଛନ୍ତି। ତେଣୁ ଦୋଷୀ ପୋଲିସମାନଙ୍କୁ ସସ୍‌ପେଣ୍ଡ କରିବା ଓ ବ୍ରିଜ ଭୂଷଣ ସରଣସିଂଙ୍କୁ ଅବିଳମ୍ବେ ଗିରଫ କରିବା ଏବଂ କୁସ୍ତିଯୋଦ୍ଧାମାନଙ୍କ ସମସ୍ତ ନ୍ୟାୟ ସଙ୍ଗତ ଦାବି ଗ୍ରହଣ କରାଯାଉ।

# ଶାରୀରିକ ପରୀକ୍ଷା ସମୟରେ ହୃଦ୍‌ଘାତ

### ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଲେ ନିଯୁକ୍ତି ଆଶାୟୀ

ଅନୁଗୋଳ ଅଫିସ, ୪।୫

ଆଉ ମାତ୍ର ଗୋଟିଏ ପରୀକ୍ଷା ବାକି ଥିଲା। ସେଥିରେ ଉତ୍ତୀର୍ଣ୍ଣ ହୋଇଥିଲେ ସରକାରୀ ଚାକିରି ନିଶ୍ଚିତ ମିଳିଥାନ୍ତା। ହେଲେ ସେତେବେଳ ଯାଏ ସମୟ ଦେଲାନି ନିୟତି। ପରୀକ୍ଷା ଦେଉଥିବା ବେଳେ ହିଁ ସେ ହୃଦ୍‌ଘାତର ଶିକାର ହେଲେ। ଆଉ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଲେ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍)ରେ ନିଯୁକ୍ତି ଆଶାୟୀ ବରଗଡ଼ ଜିଲା ଗାଇସିଲଟ ଥାନା ନୂଆପଲ୍ଲି ଗ୍ରାମର ଡାକ୍ତର ସାହୁଙ୍କ ପୁଅ ପୁରୁଷୋତ୍ତମ ସାହୁ(୨୨)। ଅନୁଗୋଳ ଜିଲା ନାଲ୍‌କୋ ଷ୍ଟାଡିୟମଠାରେ ଗୁରୁବାର ସିଆଇଏସ୍‌ଏଫ୍‌ରେ ନିଯୁକ୍ତି ପାଇଁ ଚାଲିଥିବା ଶାରୀରିକ ପରୀକ୍ଷା ବେଳେ ଘଟିଥିବା ଏହି ଘଟଣା ନିଯୁକ୍ତି ଅଧିକାରୀ ଓ ଅନ୍ୟ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।


ପୁରୁଷୋତ୍ତମ ସାହୁ।

ପ୍ରକାଶ ଯେ, ସିଆଇଏସ୍‌ଏଫ୍‌ରେ ନିଯୁକ୍ତି ପାଇଁ ପୂର୍ବରୁ ହୋଇଥିବା ଲିଖିତ ପରୀକ୍ଷାରେ ପୁରୁଷୋତ୍ତମ ସଫଳ ହୋଇଥିଲେ। ତେଣୁ ଶାରୀରିକ ପରୀକ୍ଷା ଦେବାକୁ ସେ ବୁଧବାର ଅନୁଗୋଳ ଆସିଥିଲେ। ଗୁରୁବାର ସକାଳେ ନାଲ୍‌କୋ ଷ୍ଟାଡିୟମଠାରେ ହୋଇଥିବା ଶାରୀରିକ ପରୀକ୍ଷାରେ ସେ ସଫଳତା ପାଇଥିଲେ। ଏପରି କି ୫ କିଲୋମିଟର ଦୌଡ଼କୁ ୧୮ ମିନିଟ୍‌ରେ ଶେଷ କରିଥିଲେ। କିନ୍ତୁ ଏହି ଦୌଡ଼ ଶେଷ କରିବା ପରେ ସେ ହଠାତ୍ ପଡ଼ି ଯାଇଥିଲେ। ସେଠାରେ ଥିବା ନାଲ୍‌କୋର ଡାକ୍ତରୀ ଟିମ୍ ତାଙ୍କୁ ତୁରନ୍ତ ଉଦ୍ଧାର କରି ନାଲ୍‌କୋ ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କୁ ସେଠାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଅପରାହ୍ନ ୩ଟା ୨୫ରେ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତରେ ପୁରୁଷୋତ୍ତମଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି। ଖବରପାଇ ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୁରୁଷୋତ୍ତମଙ୍କ ସମ୍ପର୍କୀୟ ଭାଇ କହିଛନ୍ତି, ପୁରୁଷୋତ୍ତମ ନିଯୁକ୍ତିର ଶେଷ ପର୍ଯ୍ୟାୟରେ ଥିଲେ। କେବଳ ଡାକ୍ତରୀ ପରୀକ୍ଷା ବାକି ଥିଲା। ପୂର୍ବ ପରୀକ୍ଷାଗୁଡ଼ିକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବାରୁ ଏଥିରେ ସଫଳ ହୋଇଥିଲେ ସରକାରୀ ଚାକିରି ପାଇଯାଇଥାନ୍ତେ। ଏହାକୁ ପରିବାର ଲୋକେ ଅପେକ୍ଷା କରିଥିବା ବେଳେ ହଠାତ୍ ଏପରି ଅଘଟଣ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିବା ପୁରୁଷୋତ୍ତମଙ୍କ ସମ୍ପର୍କୀୟ ଭାଇ ପ୍ରକାଶ କରିଛନ୍ତି।

## ଟ୍ୟାଙ୍କର ପାଣି ଯୋଗାଣ ଦାବି

ଆଠମଲ୍ଲିକ, ୪।୫ (ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ପତାକା ଗ୍ରାମରେ ପାନୀୟ ଜଳର ଘୋର ଅଭାବ ଦେଖାଦେଇଥିବାରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଏକ ଦାବିପତ୍ର ଉପଜିଲାପାଳ ତରଣୀ ସୁନାଙ୍କୁ ପ୍ରଦାନ କରାଯାଇଛି। ଯୁବନେତା ପଦିଆ ପ୍ରଧାନଙ୍କ ଜରିଆରେ ପ୍ରଶାସନକୁ ପ୍ରଦାନ କରାଯାଇଥିବା ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏହି ଦାବିପତ୍ରରେ ଦର୍ଶାଯାଇଛି, ପତାକା ଗ୍ରାମବାସୀ ପାନୀୟ ଜଳାଭାବର ଶିକାର ହୋଇଛନ୍ତି। ନଳକୂଅରୁ ୧୦ରୁ ୧୫ ବାଲଟି ପାଣି କାଢ଼ିବା ପରେ ଆଉ ପାଣି ବାହାରୁନାହିଁ। ଫଳରେ ଘଣ୍ଟା ଘଣ୍ଟା ଧରି ପାଣି ପାଇଁ ଅପେକ୍ଷା କରିବାକୁ ପଡୁଛି। ଗ୍ରାମରୁ ମହାନଦୀର ଦୂରତା ଅଧିକ ଥିବାରୁ ପାଣି ବୋହି ଆଣିବା ସମ୍ଭବ ହେଉ ନ ଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ୨ଟି ନଳକୂପ ଖୋଳିବା ସହିତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ ଯୁବନେତା ପ୍ରଧାନ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରି ଲୋକଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସୁନା କହିଛନ୍ତି।

## ଅଶ୍ଳୀଳ ଇଙ୍ଗିତ କରି ମାଡ଼ ଖାଇଲେ ଯୁବକ

ଅନୁଗୋଳ ଅଫିସ, ୪।୫

ଯୁବତୀଙ୍କୁ ଅଶ୍ଳୀଳ ଇଙ୍ଗିତ କରି ରାସ୍ତା ଉପରେ ବହେ ମାଡ଼ ଖାଇଛନ୍ତି ଜଣେ ଯୁବକ। ଅନୁଗୋଳ ଆଇପିଏସ୍ ଟ୍ରାନଜିଟ୍ ହାଉସ୍ ସମ୍ମୁଖରେ ଗୁରୁବାର ସକାଳେ ଘଟିଥିବା ଏହି ଘଟଣା ଦିନତମାମ ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ଯୁବତୀଙ୍କ କହିବା ଅନୁଯାୟୀ, ଯୁବକ ଜଣକ ଥାନା ଛକ ଠାରୁ ତାଙ୍କ ପିଛା କରିଥିଲେ। ଏପରି କି ବାରମ୍ବାର ଅଶ୍ଳୀଳ ଇଙ୍ଗିତ ମଧ୍ୟ କରୁଥିଲେ। ସେ ଏହାର ପ୍ରତିବାଦ କରିଥିଲେ ମଧ୍ୟ ଯୁବକ ଖାତିର କରି ନ ଥିଲେ। ଫଳରେ ତାଙ୍କୁ ମାଡ଼ ମାରିଥିବା ଯୁବତୀ ପ୍ରକାଶ କରିଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ଯୁବକଙ୍କୁ ଅଟକ ରଖି ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଯୁବକଙ୍କୁ ଥାନାକୁ ନେଇ ପଚରା ଉଚରା କରିଥିଲା। ତାଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଞ୍ଚଳରେ ହୋଇଥିବା ବେଳେ ଯୁବକଙ୍କ ମାନସିକ ସ୍ଥିରତା ନ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପରିବାର ଲୋକଙ୍କୁ ଡକାଇ ଯୁବକଙ୍କୁ ଜିମା ଦିଆଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ମାଡ଼ ଖାଇଥିବା ଯୁବକଙ୍କୁ ସ୍ଥାନୀୟ ଲୋକେ ଅଟକ ରଖିଛନ୍ତି।

## ହୃଷୀକେଶ କର୍ଣ୍ଣପାଳ ସରପଞ୍ଚ

ଅନୁଗୋଳ ଅଫିସ/ କଣିହାଁ, ୪।୫

ଅନୁଗୋଳ ଜିଲା କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହୋଇଥିବା ଉପନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ ହୃଷୀକେଶ ସାମଲ ବିଜୟୀ ଘୋଷିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ତଥା ବିଡିଓ ନିଶାନ ମିଶ୍ରଙ୍କ ପରିଚାଳନାରେ ବ୍ଲକ କାର୍ଯ୍ୟାଳୟର ପବିତ୍ରମୋହନ ସଭାଗୃହରେ ଗୁରୁବାର ଭୋଟ ଗଣତି ହୋଇଥିଲା। ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୩ ପ୍ରାର୍ଥୀଙ୍କ ମଧ୍ୟରୁ ହୃଷୀକେଶଙ୍କୁ ୧୫୫୨ ଖଣ୍ଡ ଭୋଟ ମିଳିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜଳନ୍ଧର ସାମଲଙ୍କୁ ୧୧୬୯ ଓ ଅନ୍ୟତମ ପ୍ରାର୍ଥୀ ବନମାଳୀ ବେହେରାଙ୍କୁ ୩୬ଖଣ୍ଡ ଭୋଟ ମିଳିଥିଲା। ୪୨ ଭୋଟ ନାକଚ ହୋଇଯାଇଥିଲା। ବିଧିବଦ୍ଧ ଭାବେ ଫଳାଫଳ ଘୋଷଣା ହେବା ପରେ ନବନିର୍ବାଚିତ ସରପଞ୍ଚ କର୍ଣ୍ଣପାଳ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଭାଜପା ପକ୍ଷରୁ ମଧ୍ୟ ନୂଆ ସରପଞ୍ଚଙ୍କୁ ଅଭିନନ୍ଦନ ଜଣାଯାଇଛି। ଭାଜପା ରାଜ୍ୟ ସମ୍ପାଦକ ତଥା ଜିଲା ଭାଜପା ପ୍ରଭାରୀ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ପବିତ୍ରନଗର ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ ଓ ଭାଜପା ନେତା ରମେଶ ପ୍ରଧାନ ପ୍ରମୁଖ ନୂଆ ସରପଞ୍ଚଙ୍କୁ ଅଭିନନ୍ଦନ ଜଣାଇବା ସହ ସତ୍ୟର ବିଜୟ ହୋଇଛି ବୋଲି ପ୍ରକାଶ କରିଛନ୍ତି।



## ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

ଅନୁଗୋଳ ଅଫିସ, ୪।୫

ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟ ସିବିଟି ଶିକ୍ଷକ ସଂଘ ଅନୁଗୋଳ ଶାଖା ପକ୍ଷରୁ ପ୍ରାରମ୍ଭିକ ଶିକ୍ଷକଙ୍କ ନିୟମିତୀକରଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ମହେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ଏହି ଦାବିପତ୍ର ପ୍ରଦାନ କରିଥିଲେ।

ଏଥିରେ ଦର୍ଶାଯାଇଛି, ଓଡ଼ିଶା ସରକାରଙ୍କ ପକ୍ଷରୁ ଚୁକ୍ତିଭିତ୍ତିକ ନିୟମ ୨୦୧୩କୁ ଉଚ୍ଛେଦ କରିବା ସହ ସମସ୍ତ ପ୍ରାରମ୍ଭିକ ନିଯୁକ୍ତିକୁ ନିୟମିତ କରିବା ପାଇଁ ୨୦୨୨ ମସିହା ଅକ୍ଟୋବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କିନ୍ତୁ ଏହା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ କ୍ଷେତ୍ରରେ ଏପର୍ଯ୍ୟନ୍ତ ଲାଗୁ ହୋଇନାହିଁ। ଏହି ଅନାବଶ୍ୟକ ବିଳମ୍ବ ହେତୁ ସମସ୍ତ ପ୍ରାରମ୍ଭିକ ନିଯୁକ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ନିର୍ଯ୍ୟାତନା ଏବଂ ଅସନ୍ତୁଳନରେ ଅଛନ୍ତି। ତେଣୁ ଏହି ନିୟମିତୀକରଣ ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ସଂଘ ସଭାପତିଙ୍କ ସହିତ ଶିକ୍ଷକ ହରିଶ ଚନ୍ଦ୍ର ବେହେରା, ଅରିଜିତ ପାଣିଗ୍ରାହୀ, ସୁବ୍ରତ କୁମାର ସେଠୀ, ସିଦ୍ଧାର୍ଥ ଶେଖର ବେହେରା, ରାଜେଶ କୁମାର ସାହୁ, ଅଭିନାଶ ମାଝି, ଶିକ୍ଷୟିତ୍ରୀ ସ୍ମିତାରାଣୀ ସାମଲ, ସୋନାଲିନା ପାତ୍ର ପ୍ରମୁଖ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।




## କଲେଜ ବିକାଶ ଉପରେ ଆଲୋଚନା

ବଇଣ୍ଡା,୪।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟର ବିକାଶ ଉପରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ମହାବିଦ୍ୟାଳୟର ଛାତ୍ର ନିବାସ ପରିଦର୍ଶନ କରିବା ସହ କଲେଜର ଜମି ସମ୍ପର୍କରେ ଆଲୋଚନା କରିଥିଲେ। ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ଯୋଜନା କିଭଳି ଠିକ ଭାବେ କାର୍ଯ୍ୟକାରୀ କରାଯିବା ସହ କଲେଜର ବିକାଶ ହେବ ସେ ନେଇ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ସିଦ୍ଧାର୍ଥ ପଣ୍ଡା, କାଳନ୍ଦୀଚରଣ ପ୍ରଧାନ, ଅସିତ ଜେନା, ଚନ୍ଦ୍ର ଶେଖର ସିଂ, ରବିନାରାୟଣ ବେହେରା, କାଳିଆ ସେଠୀ, ଶୁଭଲକ୍ଷ୍ମୀ ମାଝି, ସୁମିତ୍ରା ସ୍ୱାଇଁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଉପଜିଲାପାଳଙ୍କ ସମେତ ଅନ୍ୟମାନେ।

## ଅବସର ପରେ ମଧ୍ୟ ଅଫିସରଙ୍କ ନାମ ହଟୁନି

### ଫୋନ କରି ନିରାଶ ହେଉଛନ୍ତି ଜନସାଧାରଣ

ବଇଣ୍ଡା,୪।୫(ଡି.ଏନ.ଏ.)

ପୋଲିସ ଚାକିରିରୁ ଅବସର ନେବାର ବର୍ଷେ ପରେ ମଧ୍ୟ ଥାନାରେ ଲାଗିଥିବା ବୋର୍ଡରେ ଅଫିସରଙ୍କ ନାମ ଓ ଟେଲିଫୋନ ନମ୍ବର ହଟାଯାଉ ନାହିଁ। ଫଳରେ ଉକ୍ତ ଫୋନ ନମ୍ବରରେ ବାରମ୍ବାର ଫୋନ କରି ଜନସାଧାରଣ ନିରାଶ ହେଉଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବୋର୍ଡରୁ ଅବସରପ୍ରାପ୍ତ ଅଫିସରଙ୍କ ନାମ ହଟାଯାଉ ନ ଥିବାରୁ ଏ ନେଇ ଠାକୁରଗଡ଼ ଗ୍ରାମବାସୀ ମଙ୍ଗଳବାର ଅନୁଗୋଳ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଗ୍ରାମବାସୀ କହିଛନ୍ତି, ଠାକୁରଗଡ଼ ଥାନା ଅଞ୍ଚଳରେ କିଛିଦିନ ହେବ ଅସାମାଜିକ କାର୍ଯ୍ୟ କଳାପ ବୃଦ୍ଧି ପାଉଛି। ଏପରିକି ଅନେକ ଅପରାଧ ଘଟୁଛି। ହେଲେ ଥାନା ବୋର୍ଡରୁ ପ ଅବସରପ୍ରାପ୍ତ ଅଫିସରଙ୍କ ନାମ ଓ ଟେଲିଫୋନ ନମ୍ବର ହଟାଯାଇ ନାହିଁ କି ବର୍ତ୍ତମାନ କାର୍ଯ୍ୟରତ ଅଫିସରଙ୍କ ନାମ ଓ ନମ୍ବର ଦିଆଯାଇ ନାହିଁ। ଫଳରେ ବୋର୍ଡରେ ଥିବା ମୋବାଇଲ ନମ୍ବରକୁ ଯୋଗାଯୋଗ କଲେ ସମ୍ପୃକ୍ତ ଅଫିସର ଅବସର ଗ୍ରହଣ କଲେଣି ବୋଲି ସୂଚନା ମିଳୁଛି। ଥାନା କର୍ତ୍ତୃପକ୍ଷଙ୍କ ଏପରି କାର୍ଯ୍ୟ ଯୋଗୁ ଅପରାଧ ରୋକିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ତୁରନ୍ତ ଫଳକରୁ ଅବସର ଗ୍ରହଣ କରିଥିବା ଅଧିକାରୀଙ୍କ ନାମ ଲିଭାଇ ନୂତନ ଅଧିକାରୀଙ୍କ ନାମ ଲେଖିବା, ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଠାକୁରଗଡ଼ ଆଇଆଇସି ପୀତାମ୍ବର ମଲ୍ଲିକ କହିଛନ୍ତି, ବୋର୍ଡରୁ ଅବସରପ୍ରାପ୍ତ ଅଫିସରଙ୍କ ନାମ ଲିଭାଇ ଦିଆଯିବ।



ଥାନାରେ ଲାଗିଥିବା ଅଫିସରଙ୍କ ତାଲିକା ବୋର୍ଡ।

## ବ୍ରାଉନସୁଗାର କାରବାର ମାମଲାରେ ନାବାଳକ ଗିରଫ

ଅନୁଗୋଳ ଅଫିସ, ୪।୫

ଅନୁଗୋଳ ଜିଲା ନାଲ୍‌କୋ ପୋଲିସ ବୁଧବାର ବ୍ରାଉନସୁଗାର ବ୍ୟବସାୟ କରୁଥିବା ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି କାରବାରରେ ନାଲ୍‌କୋ ଥାନା ଅଞ୍ଚଳର ଜଣେ ନାବାଳକ ସାମିଲ ଥିବା ଓ ସେ ବ୍ୟବସାୟୀମାନଙ୍କୁ ବ୍ରାଉନସୁଗାର ଯୋଗାଉଥିବା ଅଭିଯୋଗ ହେବା ପରେ ପୋଲିସ ସମ୍ପୃକ୍ତ ନାବାଳକଙ୍କୁ ଗିରଫ କରିଛି। ଗିରଫ ପରେ ତାଙ୍କୁ ଅନୁଗୋଳ ବାଳ ସୁଧାର ଗୃହରେ ଛଡ଼ାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପୋଲିସ କହିଛି, ନାଲ୍‌କୋ ପୋଲିସ ବୁଧବାର ୭.୪୦ ଗ୍ରାମ ବ୍ରାଉନ ସୁଗାର ବଳରାମପ୍ରାସାଦ ଆଶ୍ରପଣ୍ଡ ନିକଟ ବଣଭୋଜି ସ୍ଥଳରୁ ଜବତ କରିଥିଲା। ସମ୍ପୃକ୍ତ ନାବାଳକ ବ୍ୟବସାୟୀମାନଙ୍କୁ ବ୍ରାଉନସୁଗାର ଯୋଗାଉଥିବା ପୋଲିସ ପଚରା ଉଚରା ସମୟରେ ଜାଣିବାକୁ ପାଇଥିଲା।

## କିଆକଟା ଛକ ହେଲା ଆଲୋକିତ

ମାଧପୁର,୪।୫

**ଧରିତ୍ରୀ ପ୍ରଭାବ**

ଜାତୀୟ ରାଜପଥ ଡିଭିଜନ ସମ୍ବଲପୁର ଓ ଅନୁଗୋଳ ଜିଲା ଆଠମଲ୍ଲିକ ବିଦ୍ୟୁତ୍ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୀର୍ଘଦିନ ହେଲା ଆଠମଲ୍ଲିକ ବ୍ଲକ କିଆକଟା ତ୍ରିବେଣୀ ଛକଠାରେ ଥିବା ଷ୍ଟ୍ରିଟ୍ ଲାଇଟ୍‌ରେ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିଲା। ଫଳରେ ସନ୍ଧ୍ୟାରେ ଏହି ଛକଟି ସମ୍ପୂର୍ଣ୍ଣ ଅନ୍ଧାର ହେବା ସହିତ ବିଭିନ୍ନ ସମସ୍ୟା ଉପୁଜୁଥିଲା। ରାଜପଥ ସମ୍ପ୍ରସାରଣ କାର୍ଯ୍ୟ କେବେଠାରୁ ଶେଷ ହୋଇସାରିଥିଲେ ହେଁ ଦୁଇ ବିଭାଗ ମଧ୍ୟରେ ସହଯୋଗ ଅଭାବରୁ ବିଚ୍ଛିନ୍ନ ହୋଇଥିବା ଛକର ଆଲୋକୀକରଣ ବ୍ୟବସ୍ଥା ପୁନଃ ସଂଯୋଗ ହୋଇପାରି ନ ଥିଲା। ଏ ନେଇ ଗୁରୁବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ତୁରନ୍ତ ବିଦ୍ୟୁତ୍ ବିଭାଗ ତରଫରୁ ପୁନଃ ସଂଯୋଗ କରାଯାଇଛି। ଛକ ଏବଂ ସ୍ଥାନୀୟ ବ୍ୟବସାୟୀମାନେ ଆଲୋକିତ ହୋଇଥିବାରୁ ଅଞ୍ଚଳବାସୀ ଧରିତ୍ରୀକୁ ଧନ୍ୟବାଦ ଦେଇଛନ୍ତି।



## ପ୍ଲାଟିନମ୍ ଜୁବିଲି ପାଇଁ ବୈଠକ

କଣିହାଁ,୪।୫(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିସରରେ ଥିବା ବିପ୍ଳବୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ପ୍ରଧାନ ମାଲ୍ୟାର୍ପଣ କରିଥିଲେ। ସିଦ୍ଧିପ୍ରସାଦ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ସୁକାନ୍ତଚନ୍ଦ୍ର ପ୍ରଧାନ, ସମ୍ପାଦକ ଭୁପେନ ଗଡ଼ନାୟକ ଓ ଉପସଭାପତି ସୁଧାକର ପ୍ରଧାନ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ଲାଟିନମ ଜୁବିଲି ୨୦୨୫ରେ ପାଳନ କରିବାକୁ ପରାମର୍ଶ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ଲାଟିନମ୍ ଜୁବିଲି ସଦସ୍ୟ ତଥା ପୁରାତନ ଛାତ୍ର ଦେବଦତ୍ତ ପ୍ରସାଦ ପ୍ରଧାନ, ଅଜିତ ପ୍ରଧାନ, କୁଳମଣି ସାମଲ, ଅନିତା ଦେହୁରୀ, ପଙ୍କଜିନୀ ପ୍ରଧାନ, ଭିକାରି ଚରଣ ସାହୁ, ଦେବେନ୍ଦ୍ର ବାରିକ, ବିନାୟକ ପ୍ରଧାନ, ଦିଲୀପ ପ୍ରଧାନ, ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାଶରଥି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଅନ୍ୟମାନେ।

## ଆକାଉଣ୍ଟରୁ ୩୨ ହଜାର ଲୁଟିନେଲେ

ଅନୁଗୋଳ ଅଫିସ, ୪।୫

ଅନୁଗୋଳ ଥାନା ଶିମିଳିପଡ଼ା ଅଞ୍ଚଳର ଜଣେ ଯୁବତୀ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ କହିଛି, ଯୁବତୀ ଜଣକ ଏକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ରଖିଛନ୍ତି। ତେବେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା। କ୍ରେଡିଟ୍ କାର୍ଡ ବ୍ଲକ ହୋଇଯିବ ବୋଲି ଫୋନ କରିଥିବା ବ୍ୟକ୍ତି ଜଣକ କହିଥିଲେ। ତେବେ ଠକଙ୍କ କଥାରେ ବିଶ୍ୱାସ କରି ଯୁବତୀ ଜଣକ ଫୋନ୍‌କୁ ଆସିଥିବା ଓଟିପି ପ୍ରଦାନ କରିଥିଲେ। ଆଉ ଏହାପରେ ତାଙ୍କ ଆକାଉଣ୍ଟରୁ ୩୨ ହଜାର ଟଙ୍କା କଟିଯାଇଥିଲା। ଏ ନେଇ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ବୁଝିବାକୁ ପରାମର୍ଶ

ଅନୁଗୋଳ ଅଫିସ, ୪।୫

ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଧନ୍ଦାମୂଳକ ଶିକ୍ଷାର ଜିଲାସ୍ତରୀୟ କର୍ମଶାଳା ଓ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱକୁ ସମସ୍ତେ ହୃଦବୋଧ କରିବାକୁ ପରାମର୍ଶ ଦେବା ସହିତ ଜାତୀୟ ଶିକ୍ଷା ନୀତି ୨୦୨୦ ମୁଖ୍ୟ ଭାବଧାରା ଅନୁଯାୟୀ ସମସ୍ତ ଛାତ୍ରୀଛାତ୍ରଙ୍କୁ ଦକ୍ଷ ତଥା କୁଶଳୀ ଭାବରେ ଗଢ଼ିତୋଳିବାକୁ ବର୍ତ୍ତମାନଠାରୁ ଚେଷ୍ଟା ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ ଯୋଗଦେଇ କହିଲେ ଯେ, ଯେଉଁ ଦେଶ ଧନ୍ଦାମୂଳକ ଶିକ୍ଷା ଯେତେ ଶୀଘ୍ର ଆପଣେଇଛି ସେ ଦେଶ ସେତେ ସମୃଦ୍ଧ ହୋଇପାରିଛି। ତେଣୁ ବିଳମ୍ବ ନ କରି ଧନ୍ଦାମୂଳକ ଶିକ୍ଷାର ସାର୍ବଜନୀକରଣ କରିବା ପାଇଁ ସମସ୍ତ ଅଂଶଗ୍ରହଣକାରୀ ଶିକ୍ଷକ ଓ ପ୍ରଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୮ଟି ବ୍ଲକରୁ ୯୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ଧନ୍ଦାମୂଳକ ପ୍ରଶିକ୍ଷକ ଅଂଶଗ୍ରହଣ କରିଥିଲେ। ଉକ୍ତ ବୈଠକରେ ଜିଲା ଶିକ୍ଷା କାର୍ଯ୍ୟାଳୟ ତଥା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲା ଧନ୍ଦାମୂଳକ ଶିକ୍ଷା ସଂଯୋଜକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


ଜିଲାସ୍ତରୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର ଅଭିଯୋଗ

**ଢେଙ୍କାନାଳ ଅଫିସ, ୪।୫:** ଢେଙ୍କାନାଳ ସଦର ଥାନା ଅଞ୍ଚଳର ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ବନ୍ଧନୂଆଗାଁ ଅଞ୍ଚଳର ଶିଶିର ଦେହୁରୀ। ମହିଳା ଜଣକ କଥା କହିପାରନ୍ତି ନାହିଁ। ସେ ଘରେ ଏକାକୀ ଥିବା ସୁଯୋଗରେ ଶିଶିର ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ନଂ ୩୭୮/୨୩ରେ ମାମଲା ରୁଜୁ କରାଯାଇଛି।

### ଚାଲାଣ ପୂର୍ବରୁ ୨ ଯୁବତୀ ଉଦ୍ଧାର, ୨ ଗିରଫ

**ଢେଙ୍କାନାଳ ଅଫିସ, ୪।୫:** ଢେଙ୍କାନାଳ ସଦର ଥାନା ଅଞ୍ଚଳରୁ ମଧ୍ୟପ୍ରଦେଶ ଏବଂ ଝାନ୍ସୀକୁ ଚାଲାଣ କରାଯାଉଥିବା ୨ ଯୁବତୀଙ୍କୁ ସଦର ଥାନା ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ମଧ୍ୟପ୍ରଦେଶ ସାଗର ଥାନା ଅଞ୍ଚଳର ସୁରେଶ ସିଂ ଯାଦବ ଏବଂ ମୁକେଶ ସିଂ ଯାଦବ ଗିରଫ ହୋଇଛନ୍ତି। ଏ ନେଇ ନଂ. ୩୭୯/୨୩ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ସମ୍ପୃକ୍ତ ୨ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ଚାଲାଣ କରାଯାଉଥିଲା। କେତେଜଣ ମହିଳା ସ୍ୱେଚ୍ଛାସେବୀ ଏହା ଜାଣିବା ପରେ ପୋଲିସ ସହାୟତାରେ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।


ବୈଶାଖୀ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ଭୁବନେଶ୍ୱର ଜୋନ୍–୧ ଏସିପି ମାନସ ରଞ୍ଜନ ଗଡ଼ନାୟକଙ୍କୁ ପୂର୍ବତନ ଅଗ୍ନିଶମ ଡିଜି ସମ୍ମାନିତ କରୁଛନ୍ତି।


କଣ୍ଠଶିଳ୍ପୀ ବିଶ୍ୱମୋହନ କବି ସଙ୍ଗୀତ ପରିବେଷଣ କରୁଛନ୍ତି।

## ‘ବୈଶାଖୀ ମହୋତ୍ସବ’ ଉଦ୍‌ଯାପିତ

# ‘ସହଯୋଗରେ ଅନୁଷ୍ଠାନ ଆଗକୁ ବଢ଼େ’

**ଢେଙ୍କାନାଳ ଅଫିସ, ୪।୫**

ଏକ ଅନୁଷ୍ଠାନ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଆଗକୁ ବଢ଼ିବା ବଡ଼ କଷ୍ଟକର ବ୍ୟାପାର। ସମସ୍ତଙ୍କ ସହଯୋଗ, ପ୍ରେରଣା ମିଳିଲେ ଏହା ସମ୍ଭବପର ହୋଇପାରିବ ବୋଲି କହିଛନ୍ତି ପୂର୍ବତନ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ। ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ଗୁଡ୍‌ନାଇଟ୍ କ୍ଲବ’ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ବୈଶାଖୀ ମହୋତ୍ସବ’ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ୩ଦିନ ଧରି ଆୟୋଜିତ ଏହି କାର୍ଯ୍ୟକ୍ରମର ଅନ୍ତିମ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ଜିଲାବାସୀଙ୍କ ସହଯୋଗରେ ପର୍ଯ୍ୟଟନର ଅନ୍ତୁଡ଼ିଶାଳ କୁହାଯାଉଥିବା ଢେଙ୍କାନାଳର ବିକାଶଧାରା ଜାରି ରହିଛି। ଆଗାମୀ ଦିନରେ ଜିଲା ଯେପରି ପର୍ଯ୍ୟଟନ ଶିଳ୍ପରେ ଉତ୍କର୍ଷ ହାସଲ କରିବ, ସେ ନେଇ କାର୍ଯ୍ୟକ୍ରମ ଚାଲିଛି। ଡୋକ୍ରା କଳାକୃତି ଗ୍ରାମ ନବଜୀବନପୁର–ସଦେଇବେରେଣିରେ ପର୍ଯ୍ୟଟକ ଅନୁକୂଳ

**କଳାକୃତି ଗ୍ରାମରେ ହେବ ହର୍ସ ରାଇଡିଂ ବ୍ୟବସ୍ଥା**

ବାତାବରଣ ସୃଷ୍ଟି ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଖୁବ୍‌ଶୀଘ୍ର ସେଠାରେ ବୋଟିଂ ବ୍ୟବସ୍ଥା କରାଯିବ। ଉତ୍ସାହୀ ଯୁବପିଢ଼ିଙ୍କ ପାଇଁ ହର୍ସ ରାଇଡିଂ ସୁବିଧା ଉପଲବ୍ଧ ହେବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପଙ୍କଜ ଲୋଚନ ମହାନ୍ତି, ଗଙ୍ଗାଧର ସାମଲ ପ୍ରମୁଖ ଯୋଗଦେଇ ଜିଲାରେ ଶିଳ୍ପ ବିକାଶ ଲାଗି ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

ଏହି ଅବସରରେ ଭୁବନେଶ୍ୱର ଜୋନ୍–୧ ଏସିପି ମାନସ ରଞ୍ଜନ ଗଡ଼ନାୟକ, ଯୁବରାଜ ଅମରଜ୍ୟୋତି ସିଂଦେଓଙ୍କୁ ‘ବୈଶାଖୀ ସମ୍ମାନ’, ଶିକ୍ଷାବିତ୍ ଅଟଳ ବିହାରୀ ଦାସଙ୍କୁ ‘ଡ. ବିଧାନ ଚନ୍ଦ୍ର ସ୍ମୃତି ସମ୍ମାନ’, ଯୁବ ଗଣମାଧ୍ୟମ ପ୍ରତିନିଧି ବିନୋଦ ମହାନ୍ତି, ସାମାଜିକ କର୍ମୀ ଶୁଭେନ୍ଦୁ କୁମାର ଦାସ, ସାରଦା ପ୍ରସନ୍ନ ହୋତା, ମନୋରଞ୍ଜନ ମହାନ୍ତିଙ୍କୁ ‘ବୈଶାଖୀ ସେବା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ଅଗ୍ନିଶମ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ‘ସ୍ୱାଧୀନତା ସଂଗ୍ରାମୀ ରାଜମୋହନ ଦାସ ସମ୍ମାନ’ରେ ସମ୍ମାନିତ ହୋଇଥିଲେ। ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଆବାହକ ସତ୍ୟସ୍ୱରୂପ ଦାସ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ସ୍ୱାଗତ ଭାଷଣ ଦେଇଥିବାବେଳେ ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅରବିନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଥୟ କୁମାର ସାହୁ, ଗଙ୍ଗାଧର ରାଉତ, ନାରାୟଣ ପଟ୍ଟନାୟକ, ମନୋହର ଶତପଥୀ, ଶ୍ରୀନିବାସ ଦାସ, ନୃସିଂହ ଚରଣ ବେହେରା, ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଆୟୋଜିତ ମେଲୋଡ଼ି କାର୍ଯ୍ୟକ୍ରମରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ବିଶ୍ୱମୋହନ କବି, ସିମରନ୍ ଦାସ, ଅଂଶୁମାନ ଭରଦ୍ୱାଜ ପ୍ରମୁଖ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ।

# ପ୍ରାଣୀଧନ ଚିକିତ୍ସକଙ୍କ ସମୂହ ଇସ୍ତଫା

**ଢେଙ୍କାନାଳ ଅଫିସ, ୪।୫**

ଓଡ଼ିଶା ପ୍ରାଣୀଧନ ଚିକିତ୍ସା ସେବାସଂଘର ଆହ୍ୱାନକ୍ରମେ ଗୁରୁବାର ଢେଙ୍କାନାଳ ଜିଲାର ସମସ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀମାନେ ସର୍ତ୍ତମୂଳକ ଇସ୍ତଫା ଦେଇଛନ୍ତି। ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏ ସଂକ୍ରାନ୍ତ ଇସ୍ତଫା ପତ୍ର ପ୍ରଦାନ କରାଯାଇଛି। ୧୦ ଦଫା ଦାବି ପୂରଣରେ ସରକାରଙ୍କ ଚରମ ଉଦାସୀନତା ପ୍ରତିବାଦରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲା ସଂଘ ସମ୍ପାଦକ ଡା. ବିଜୟ କୁମାର ପାତ୍ର କହିଛନ୍ତି।

ଅଭିଯୋଗ ଅନୁଯାୟୀ, କ୍ୟାଡର ପୁନର୍ଗଠନ, ପ୍ରାଣୀଧନ ଚିକିତ୍ସାଳୟରେ ସର୍ବନିମ୍ନ ମୌଳିକ ସୁବିଧା, ଯଥେଷ୍ଟ ଔଷଧ ଯୋଗାଣ, ବିଭାଗକୁ ଜରୁରିକାଳୀନ ସେବା ଅନ୍ତର୍ଭୁକ୍ତ କରିବା, କାର୍ଯ୍ୟ ନିର୍ଘଣ୍ଟ ସ୍ଥିର ଆଦି ୧୦ ଦଫା ଦାବି ବିଷୟରେ ରାଜ୍ୟ ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାର ପ୍ରତିବାଦରେ ଗତ ମେ’ ୧ରେ ରାଜ୍ୟର ସମସ୍ତ ପ୍ରାଣୀଧନ ଚିକିତ୍ସକ ଡିଜିଟାଲ ବୟକଟ୍ କରି ଚିକିତ୍ସା କାର୍ଯ୍ୟ ଜାରି ରଖିଥିଲେ। ହେଲେ ସରକାର ରାଜ୍ୟ ସଂଘର ବରିଷ୍ଠ କର୍ମକର୍ତ୍ତାଙ୍କ ବିରୋଧରେ ଆକ୍ରୋଶମୂଳକ ପଦକ୍ଷେପ ନେବା କାରଣରୁ ରାଜ୍ୟର ସମସ୍ତ ପ୍ରାଣୀଧନ ଚିକିତ୍ସକ ସାମୂହିକ ଇସ୍ତଫା ଦେଇଛନ୍ତି। ଅନ୍ୟପଟେ ପ୍ରାଣୀଧନ ଚିକିତ୍ସକଙ୍କ ଏଭଳି ନିଷ୍ପତ୍ତି ପରେ ଜିଲାରେ ଗୃହପାଳିତ ପ୍ରାଣୀଙ୍କ ଚିକିତ୍ସାରେ ବ୍ୟାପକ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଜିଲାର ଗୋପାଳକମାନେ ଚିନ୍ତାରେ ପଡ଼ିଛନ୍ତି।


ସାମୂହିକ ଇସ୍ତଫା ଦେଇଥିବା ଜିଲାର ସମସ୍ତ ପ୍ରାଣୀଧନ ଚିକିତ୍ସା ଅଧିକାରୀମାନେ।


ବୈଠକରେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

# ସହର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

**କାମାକ୍ଷାନଗର, ୪।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରର ଜନସଂଖ୍ୟା ବଢୁଛି। ଯାନବାହନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଫଳରେ ଟ୍ରାଫିକ୍ ସମସ୍ୟା ଜଟିଳ ହେଲାଣି। ଏହାର ସମାଧାନ ଏବଂ ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ ବୃଦ୍ଧି ଲାଗି ଗୁରୁବାର ଉପଜିଲାପାଳଙ୍କ ସଭାଗୃହ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ରାଜନୈତିକ ଦଳର ନେତୃବୃନ୍ଦ, ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସୁଚିନ୍ତିତ ମତ ରଖିଥିଲେ। ସମସ୍ତଙ୍କ

- ରାସ୍ତାପାର୍ଶ୍ୱରୁ ହଟିବ ଜବରଦଖଲ
- ମୁଖ୍ୟ ସଡ଼କ ପ୍ରଶସ୍ତୀକରଣ ହେବ

ସହଯୋଗରେ ସହରର ସୌନ୍ଦର୍ଯ୍ୟକରଣ ହେବ। ରାସ୍ତାପାର୍ଶ୍ୱରୁ ଜବରଦଖଲ ହଟାଯିବା ସହ ମୁଖ୍ୟ ସଡ଼କ ପ୍ରଶସ୍ତୀକରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

କାମାକ୍ଷାନଗର ଏନ୍‌ଏସିରେ ବିଭିନ୍ନ ସ୍ଥାନରେ ଡ୍ରେନ୍ ପୋତି ହୋଇପଡ଼ିଛି। ବର୍ଷା ପୂର୍ବରୁ ଏଥିରେ ସୁଧାର ଆଣିବା, ସହରଦେଇ ନିର୍ମାଣାଧୀନ ପୂର୍ତ୍ତ ବିଭାଗ ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଜବରଦଖଲ ହଟାଇବା କାର୍ଯ୍ୟରେ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି। ବୈଠକରେ ନଗରପାଳ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ବିକାଶ ମହାନ୍ତି, ତହସିଲଦାର ଓମ୍‌ପ୍ରକାଶ ମହାନ୍ତି, ଅତିରିକ୍ତ ତହସିଲଦାର ଝସକେତନ ନାୟକ, ଅତିରିକ୍ତ ଜିଲାପାଳ ମଦନମୋହନ ଜେନା, ଦୀପକ ମିଶ୍ର, ନିର୍ବାହୀ ଅଧିକାରୀ ଯତିନ୍ଦ୍ର ମିଶ୍ର, ଓକିଲ ସଂଘ ସଭାପତି ଧର୍ମାନନ୍ଦ ମଲ୍ଲିକ, ସମ୍ପାଦକ ସୂର୍ଯ୍ୟକାନ୍ତ ବିଶ୍ୱାଳ, କାମାକ୍ଷାନଗର ବିଜେଡି ସଭାପତି ଲଳିତ ସାହୁ, ଏନଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟ, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କାନୁନ୍‌ଗୋଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# ଭେଗାପୁରମ୍‌ରେ ବିମାନବନ୍ଦର କରିବ ଜିଏମ୍‌ଆର୍

**ଢେଙ୍କାନାଳ ଅଫିସ, ୪।୫**

ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଭେଗାପୁରମ୍‌ଠାରେ ଜିଏମ୍‌ଆର୍ କମ୍ପାନୀ ପକ୍ଷରୁ ଏକ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ କରାଯିବ। ଏଥିଲାଗି ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ୨୨୦୩ ଏକର ଜମିରେ ଏହି ବିମାନ ବନ୍ଦର ନିର୍ମାଣ ହେବ। ଏଥିରେ ୬ ଲକ୍ଷ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ପାଇପାରିବେ। ଏହି ବିମାନ ବନ୍ଦର ମାଧ୍ୟମରେ ବାର୍ଷିକ ୬୦ ଲକ୍ଷ ଯାତ୍ରୀ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଜିଏମ୍‌ଆର ଏୟାରପୋର୍ଟ ଲିମିଟେଡ୍ ଏହି ବିମାନ ବନ୍ଦରକୁ ୪୦ ବର୍ଷ ପର୍ଯ୍ୟନ୍ତ ପରିଚାଳନା କରିବ। ୩ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିମାନ ବନ୍ଦର ନିର୍ମାଣ ସୁଯୋଗ ଦେଇଥିବାରୁ ଜିଏମ୍‌ଆର୍ ଗ୍ରୁପ୍ ଚେୟାରମ୍ୟାନ୍ ଜିଏମ୍‌ଆର୍ ରାଓ ଆନ୍ଧ୍ରପ୍ରଦେଶ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନୂତନ ବିମାନ ବନ୍ଦର ଜାତୀୟ ଓ ଅନ୍ତର୍ଜାତୀୟ ଯାତ୍ରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ରାଓ ଆଶାବ୍ୟକ୍ତ କରିଛନ୍ତି।


କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ, କମ୍ପାନୀର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ।

# ବଦଳିଲା ୩୫ ହାଇସ୍କୁଲ କଳେବର

## ଢେଙ୍କାନାଳରେ ୫-ଟି ରୂପାନ୍ତରଣ

**ଢେଙ୍କାନାଳ ଅଫିସ, ୪।୫**

ଢେଙ୍କାନାଳ ଜିଲାରେ ‘୫–ଟି’ ରୂପାନ୍ତରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ନୂଆରୂପ ପାଇଥିବା ୩୫ ହାଇସ୍କୁଲ ଗୁରୁବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଛି। ଏ ନେଇ ସଦର ବ୍ଲକ ସିଆରିଆସ୍ଥିତ ଭଗବାନ ବିଦ୍ୟାମନ୍ଦିରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହାର ଉଦ୍‌ଘାଟନ କରିଥିଲେ। ଭଲ ପାଠ ପଢ଼ିବା ସହ ଅନ୍ତର୍ନିହିତ ଗୁଣାବଳୀର ବିକାଶ କରି ମା’ବାପାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଏମ୍‌ପି ମହେଶ ସାହୁ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଭାବ ବିନିମୟ କରିବାର ସୁଯୋଗ ପାଇଥିଲେ ଭଗବାନ ବିଦ୍ୟାମନ୍ଦିରର ଛାତ୍ରୀ ଭାଗ୍ୟଶ୍ରୀ ବେହେରା। ସ୍କୁଲ ରୂପାନ୍ତରଣ ପରେ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ହୋଇଛି। ଏହା ପିଲାଙ୍କ ସାମଗ୍ରିକ ବିକାଶରେ ସହାୟକ ହୋଇପାରିବ। ଏଥିସହ ଭବିଷ୍ୟତରେ ଜଣେ ଭଲ ଶିକ୍ଷୟିତ୍ରୀ ହେବାକୁ ଲକ୍ଷ୍ୟ ରଖିଥିବା ଭାଗ୍ୟଶ୍ରୀ ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ।

ଲୋକାର୍ପିତ ହୋଇଥିବା ରୂପାନ୍ତରଣ ହାଇସ୍କୁଲ ମଧ୍ୟରେ ଭୁବନ ବ୍ଲକର ୩, ଢେଙ୍କାନାଳ ସଦର ବ୍ଲକର ୯, ଗଁଦିଆର ୬, କାମାକ୍ଷାନଗରର ୩, ଓଡ଼ାପଡ଼ାର ୫, ପରଜଙ୍ଗର ୧ ଏବଂ ହିନ୍ଦୋଳ ବ୍ଲକର ୮ଟି ଅନ୍ତର୍ଭୁକ୍ତ। ଏଥିପୂର୍ବରୁ ଜିଲାରେ ପ୍ରଥମ ପର୍ଯ୍ୟାୟରେ ୪୧, ଦ୍ୱିତୀୟ ପର୍ଯ୍ୟାୟରେ ୧୦୫ ସ୍କୁଲକୁ ୫–ଟିରେ ଅନ୍ତର୍ଭୁକ୍ତ କରାଯାଇ ରୂପାନ୍ତରଣ କରାଯାଇଥିଲା। ଡିସେମ୍ବର ସୁଦ୍ଧା ଅବଶିଷ୍ଟ ୬୬ଟି ହାଇସ୍କୁଲ ଏହି ପ୍ରକ୍ରିୟାରେ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ପଦସ୍ଥ ଅଧିକାରୀ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ସ୍କୁଲ ପ୍ରତିଷ୍ଠାତା ସଦସ୍ୟ, ପରିଚାଳନା କମିଟି କର୍ମକର୍ତ୍ତା, ରୂପାନ୍ତରଣ ହୋଇଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ବିଦ୍ୟାଳୟ ରୂପାନ୍ତରଣ ଲୋକାର୍ପଣ କାର୍ଯ୍ୟକ୍ରମ (ବାମରୁ) ଜିଲାପାଳ ସରୋଜ କୁମାର ସେଠୀ, ଛାତ୍ରୀ ଭାଗ୍ୟଶ୍ରୀ ବେହେରା, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ଡା. ନୃସିଂହ ଚରଣ ସାହୁ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଓ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ମଞ୍ଚାସୀନ।

